# Akashvani, Sambalpur

## SAMBALPURI NEWS EVENING BULLETIN

## 16 April 2025- 7.02 pm- 7.12 pm.

*********************************************

୧- ମୟୁରଭଞ୍ଜ୍ ଜିଲ୍ଲା ନ ୭ ହଜାର୍ କୋଟି ଟଙ୍କା ଖର୍ଚ୍ଚାଥି ପ୍ରତିଷ୍ଠା ହେବା ୧୦ ଟା ଶିଳ୍ପ ପ୍ରକଳ୍ପ - କହେଲେ ମୁଖ୍ୟମନ୍ତ୍ରୀ ।

୨- ସୁପ୍ରିମ୍‌କୋର୍ଟର ପରବର୍ତ୍ତୀ ପ୍ରଧାନ୍ ବିଚାର୍‌ପତି ଭାବେ ଜଷ୍ଟିସ୍ ବି.ଆର୍. ଗଭାଇଙ୍କର୍ ନାଁ ସୁପାରିଶ୍ ।

୩- କେନ୍ଦ୍ର ସଡ଼କ୍ ଆଉ ପରିବହନ୍ ମନ୍ତ୍ରୀ ଆଏବା କାଏଲ୍ ଆସୁଛନ୍ ଓଡ଼ିଶା ।

- ୪ ହଜାର୍ କୋଟିନୁ ଅଏତ୍‌କା ଟଙ୍କାର୍ ଭିନ୍ ଭିନ୍ ପ୍ରକଳ୍ପର କର୍‌ବେ ଲୋକାର୍ପଣ୍ ଆଉ ଶିଳାନ୍ୟାସ୍ ।

ଆଉର୍

୪- ସମ୍ବଲ୍‌ପୁର୍ ନ ମୁଖ୍ୟମନ୍ତ୍ରୀଙ୍କର୍ ଜନଶୁଣାଣି ଲାଗି ଆଏବାକାଏଲ୍‌ଠାନୁ ମୁଲ୍ ହେବା ପଞ୍ଜିକରଣ୍ ।

ମୁଖ୍ୟମନ୍ତ୍ରୀ- ପି.ଏମ୍. ବିଶ୍ୱକର୍ମା     ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବାରିପଦା ଠାନେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ନ ହେଇଥିବା ଏସ୍.ସି. - ଏସ୍.ଟି. ହବ୍ ସମ୍ମିଳନୀ ଆଉ ପି.ଏମ୍. ବିଶ୍ୱକର୍ମା ଜାତୀୟ କର୍ମଶାଳାକେ ଉଦ୍‌ଘାଟନ୍ କରିଛନ୍ । ପି.ଏମ୍. ବିଶ୍ୱକର୍ମା ଯୋଜ୍‌ନା ପାରମ୍ପରିକ୍ ଶିଳ୍ପୀ ଆଉ କାରିଗର ମାନ୍‌କୁ ଉଚିତ୍ ସମ୍ମାନ୍ ଦେବାର୍ ସହେତେ ଆର୍ଥିକ୍ ଥିତିକେ ମଜ୍‌ବୁତ୍ କର୍‌ବା ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍, ଯୋଜ୍‌ନାଥି ରାଜ୍ୟର୍ ୧ ଲାଖ୍ ୫ ହଜାର୍ ୩ ଶହ ୬୧ ଝନ୍ ହିତାଧିକାରୀ ପଞ୍ଜିକୃତ ହେବାର୍ ସହେତେ ୧୮ ରକ୍‌ମର୍ ବୃତିଥି ସାମିଲ୍ ହେଇଛନ୍ । ଇ ଅବ୍‌ସର ମୁଖ୍ୟମନ୍ତ୍ରୀ ମୟୁର୍‌ଭଞ୍ଜ୍ ଜିଲ୍ଲା ନ ୭ ହଜାର କୋଟି ଟଙ୍କା ଖର୍ଚ୍ଚାଥି ୧୦ ଟା ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ହେବା ବଲି ଘୋଷ୍‌ନା କରିଛନ୍ ।

କାର୍ଯ୍ୟକ୍ରମ୍‌ଥି କେନ୍ଦ୍ର ଏମ୍.ଏସ୍.ଏମ୍.ଇ. ମନ୍ତ୍ରୀ ଜିତନ୍ ରାମ୍ ମାନ୍‌ଝୀ ଯୋଗ୍ ଦେଇକରି ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର୍ ଖର୍ଚ୍ଚା ୨ ଗୁନା ବଢ଼ାଯାଇଛେ ଆର୍ ବେକାରୀ ସମସ୍ୟା ଦୂର୍ କର୍‌ବାର୍ ଲାଗି ଇଟା ସବୁନୁ ପ୍ରଭାବ୍‌ଶାଳୀ ଭୂମିକା ନେଇଛେ ବଲି କହିଛନ୍ । କାର୍ଯ୍ୟକ୍ରମ୍‌ଥି ନଗର୍ ଉନ୍ନୟନ୍ ମନ୍ତ୍ରୀ ଡକ୍ଟର୍ କୃଷ୍ଣଚନ୍ଦ୍ର ମହାପାତ୍ର, ଶିଳ୍ପମନ୍ତ୍ରୀ ସମ୍ପଦ୍ ଚନ୍ଦ୍ର

ସ୍ୱାଇଁଙ୍କର୍ ସହେତେ ଭିନ୍ ଭିନ୍ ବିଭାଗ୍‌ର ସଚିବ ମାନେ ଯୋଗ୍ ଦେଇଥିଲେ ।

ରାଜ୍ୟପାଲ୍- ଓୟୁଏଟି- ହୀରକ ଜୟନ୍ତୀ ଭୁବ୍‌ନେଶ୍ୱର୍

ସମ୍ବାଦଦାତା

ଆଏବା ସମିଆର୍ ଲାଗି ଅଧ୍ୟାପକ, ଛାତ୍ର ଆଉ ଆଘର୍ ଛାତ୍ର ମାନେ ସମାଜ୍ ଶୈକ୍ଷିକ ଉତ୍କର୍ଷତା, ବୈଜ୍ଞାନିକ୍ ଭାବ୍‌ନା ଆଉ ମାନବିକ ମୂଲ୍ୟବୋଧର ଆଲୋକବର୍ତ୍ତିକା ହେବାର୍‌କେ ରାଜ୍ୟପାଲ୍ ହରିବାବୁ କମ୍ଭମ୍‌ପାଟି ଆହ୍ୱାନ୍ କରିଛନ୍ । ଭୁବ୍‌ନେଶ୍ୱର୍ ଓଡ଼ିଶା କୃଷି ଆଉ ବୈଷୟିକ ବିଶ୍ୱବିଦ୍ୟାଳୟ- ଓୟୁଏଟି ଅଧୀନ୍‌ଥି ଥିବା କଲେଜ୍ ଅଫ୍ ବେସିକ୍ ସାଇନ୍ସ ଆଣ୍ଡ ହ୍ୟୁମାନିଟିଜ୍‌ର ହୀରକ୍ ଜୟନ୍ତୀ ସମାରୋହଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ରାଜ୍ୟପାଲ୍ ଡକ୍ଟର୍ କମ୍ଭମପାଟି କହିଛନ୍, ଶିକ୍ଷାନୁଷ୍ଠାନ୍‌ର ୬ ଦଶନ୍ଧିର୍ ଯାତ୍ରା ଖାଲି ଉତ୍ସବ୍ ପାଲନ୍ ଲାଗି ମାଇଲ୍‌ଖୁଁଟ ନୁହେଁସେ, ଦେଶ୍ ଲାଗି ସାମଗ୍ରୀକ୍ ମାନବ୍ ସମ୍ବଲ୍ ଗଠନ୍ କର୍‌ବାର୍‌ଥି ମୌଳିକ ବିଜ୍ଞାନ୍ ଆଉ ମାନବିକତାର୍ ପ୍ରାସଙ୍ଗିକତାର ଉଦାହରଣ ଆଏ ।

କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଅତିଥି ଭାବେ ଯୋଗ୍ ଦେଇଥିଲେ ।

ସୁପ୍ରିମ୍‌କୋର୍ଟ- ପ୍ରଧାନ୍‌ବିଚାର୍‌ପତି ସୁପାରିଶ୍   ଆର୍‌ଏନ୍‌ୟୁ/ କଟକ୍

ସୁପ୍ରିମ୍‌କୋର୍ଟର ପରବର୍ତ୍ତୀ ପ୍ରଧାନ୍ ବିଚାର୍‌ପତି ଭାବେ ଜଷ୍ଟିସ୍ ଭୂଷଣ୍ ରାମକୃଷ୍ଣ ଗଭାଇଙ୍କର୍ ନାଁକେ କେନ୍ଦ୍ର ଆଇନ୍ ମନ୍ତ୍ରଣାଲୟକେ ସୁପାରିଶ୍ କରାଯାଇଛେ । ସୁପ୍ରିମ୍‌କୋର୍ଟର ୨ ନମ୍ବର୍ ବରିଷ୍ଠ ବିଚାର୍‌ପତି ଭାବେ ଇହାଦେ କାର୍ଯ୍ୟରତ ଜଷ୍ଟିସ୍ ଗଭାଇଙ୍କର୍ ନାଁ ପ୍ରଧାନ୍ ବିଚାର୍‌ପତି ଜଷ୍ଟିସ୍ ସଞ୍ଜିବ୍ ଖାନ୍ନା ସୁପାରିଶ୍ କରିଛନ୍ । ଜଷ୍ଟିସ୍ ଖାନ୍ନାଙ୍କର୍ କାର୍ଯ୍ୟକାଳ ଆଏବା ମାସର୍ ୧୩ ତାରିଖ୍ ଶେଷ୍ ହେଉଛେ ।

ନିତିନ୍ ଗଡ଼୍‌କରୀ- ଓଡ଼ିଶାଗସ୍ତ       ଆର୍‌ଏନ୍‌ୟୁ/ ସମ୍ବଲପୁର

କେନ୍ଦ୍ର ସଡ଼କ ଆଉ ପରିବହନ୍ ମନ୍ତ୍ରୀ ନିତିନ୍ ଗଡ଼୍‌କରୀ ଆଏବାକାଏଲ୍ ଓଡ଼ିଶା ଗସ୍ତଥି ଆସୁଛନ୍ । ପୂର୍ବ ଆଉ ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ସୂଚ୍‌ନା ଅନ୍‌ସାରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ଗଡ଼୍‌କରୀ ଆଏବାକାଏଲ୍ ସଖାଲେ କଟକ୍ ଠାନେ ପୂର୍ବତନ ମୁଖ୍ୟମନ୍ତ୍ରୀ ହରେକୃଷ୍ଣ ମହତାବ୍‌ଙ୍କର୍ ଜୟନ୍ତୀ ସମାରୋହଥି ଯୋଗ୍‌ଦେବେ । ଉପର୍‌ବେଲା

ଜାତୀୟ ରାଜପଥ ପ୍ରାଧିକରଣ୍ ତରଫୁ ଚାଲିଥିବା ଭିନ୍ ଭିନ୍ ସଡ଼କ୍ ପ୍ରକଳ୍ପର୍ ସମୀକ୍ଷା କର୍‌ବେ । ଶ୍ରୀ ଗଡ଼୍‌କରୀ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଚାଲିଥିବା ପାଖାପାଖି ୪ ହଜାର୍ କୋଟି ନୁ ଅଏତ୍‌କା ଟଙ୍କାର୍ ୧୯ ଟା ପ୍ରକଳ୍ପର୍ ଲୋକାର୍ପଣ୍ ଆର୍ ଶିଳାନ୍ୟାସ୍ କର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ । ସେଥିର୍‌ଭିତ୍‌ରୁ ୧୩ ଟା ଜାତୀୟ ରାଜପଥ ପ୍ରକଳ୍ପ ନିର୍ମାଣ୍‌ଥି ୨ ହଜାର୍ ୯ ଶହ ୫ କୋଟି ଟଙ୍କା ଖର୍ଚ୍ଚା ହେବା ବଲି ଶ୍ରୀ ହରିଚନ୍ଦନ୍ ସୂଚ୍‌ନା ଦେଇଛନ୍ । ସେନ୍ତା ୪ ଟା ସିଆର୍‌ଆଇଏଫ୍ ସେତୁ ନିର୍ମାଣଥି ୪ ଶହ ୨୭ କୋଟି ଟଙ୍କା ଆଉ ୨ ଟା ରାଜପଥ ପ୍ରକଳ୍ପର୍ ୮ ଶହ ୪୧ କୋଟି ଟଙ୍କା ବ୍ୟୟ ଅଟକଳ ରହିଛେ ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ । ରାସ୍ତା ଭିତିଭୂମି ଆଉ ଯୋଗାଯୋଗ କ୍ଷେତ୍ରଥି ଓଡ଼ିଶା ସର୍ବଭାରତୀୟ ସ୍ତର୍‌ଥି ୮ ନମ୍ବର୍ ଠାନେ ରହିଛେ । ଓଡ଼ିଶାକେ ଇ କ୍ଷେତ୍ରଥି ୧ ନମ୍ବର୍ କର୍‌ବାର୍‌କେ ଲକ୍ଷ୍ୟ ରଖାଯାଇଛେ ବଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ୍ କହିଛନ୍ ।

ଏସ୍‌ଏଚ୍‌ଜି ପୁନର୍ଗଠନ୍- ଉପମୁଖ୍ୟମନ୍ତ୍ରୀ ଆର୍‌ଏନ୍‌ୟୁ/
ସମ୍ବଲପୁର

ମିଶନ୍ ଶକ୍ତି ଗୃହ ଆଉ ମିଶନ୍ ଶକ୍ତି ବଜାର୍ ମହିଲାମାନ୍‌କୁ ରୋଜ୍‌ଗାର୍ ଦେବାର୍ ମାଧମ୍ ଆଏ ବଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ । ଇ ମାସର୍ ଶେଷ୍‌ତକ୍ ରାଜ୍ୟର୍ ସ୍ୱୟଂ ସହାୟକ ଗୋଷ୍ଠୀମାନ୍‌କର୍ ପୁନର୍ଗଠନ୍ କରାଯିବାର୍ ସହେତେ ଜିଲ୍ଲା ଆଉ ରାଜ୍ୟସ୍ତରର୍ ସଂଗଠନ୍ ମାନ୍‌କେ ଭିଲ୍ ନୂଆଁ ନିଯୁକ୍ତି ଦିଆଯିବା ବଲି ଶ୍ରୀମତୀ ପରିଡ଼ା ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇଛନ୍ । ଇତାର୍‌ଛଡ଼ା ଆଏବା ମାସେ ଜି.ପି.ଏଲ୍.ଏଫ୍, ସି.ଏଲ.ଏଫ୍. ଆର୍ ବି.ଏଲ୍.ଏଫ୍.ର ଭିଲ୍ ପୁନର୍ଗଠନ୍ କରାଯିବା । ଇହାଦେ ରାଜ୍ୟ ସର୍‌କାର୍‌ଙ୍କର୍ ମିଶନ୍ ଶକ୍ତି ତର୍‌ଫୁ ସବୁ ଘର୍‌କେ ଜୁଡ଼୍‌ବାର୍ କାମ୍ ମୁଲ୍ ହେଇଛେ ବଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍....

(ଭଏସ୍ ଓଭର୍- ପ୍ରଭାତୀ ପରିଡ଼ା)

ମୁଖ୍ୟମନ୍ତ୍ରୀ- ଜନଶୁଣାଣି I&PR

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏବା ୨୧ ତାରିଖ୍ ସୋମ୍‌ବାର୍ ଦିନ ସମ୍ବଲପୁର୍ ନ ଜନ ଅଭିଯୋଗ୍ ଶୁଣାଣି କର୍‌ବେ । ଦୁର୍ଗାପାଲି ଠାନେ ଥିବା ସମ୍ବଲପୁର୍ ମହାନଗର୍ ନିଗମ୍ କାର୍ଯ୍ୟାଳୟ ଠାନେ ହେବାର୍‌କେ ଥିବା ଜନଶୁଣାଣି ଲାଗି ଆଏବା କାଏଲ୍ ୧୧ ବଜେନୁ ପଞ୍ଜିକରଣ୍ ମୁଲ୍

ହେବା । ଜନଶୁଣାଣି ପୋର୍ଟାଲ୍ ଆଉ ଜନଶୁଣାଣି ମୋବାଇଲ୍ ଆପ୍ ଜରିଏ  ଲୁକେ ଶିବିର୍ ଲାଗି ପଞ୍ଜିକରଣ୍ କରିପାର୍‌ବେ । ଶିବିର୍ ଲାଗି ସବୁନୁ ଜହ ହଜାରେ ଝନ୍ ପଞ୍ଜିକରଣ୍ କରିପାର୍‌ବେ । ଆବେଦନ୍‌କାରୀମାନେ ସେମାନ୍‌କର୍ ପଞ୍ଜିକୃତ ପ୍ରାପ୍ତି ପତ୍ର ଆଉ ବ୍ୟକ୍ତିଗତ ପରିଚୟ ପତ୍ର ସଙ୍ଗେ ଅଭିଯୋଗ୍ ପତ୍ର ଧରିକରି ସଖାଲର୍ ୮ ବଜେ ମହାନଗର୍ ନିଗମ୍ କାର୍ଯ୍ୟାଳୟ ନ ପୁହୁଁଚିବାର୍‌କେ ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଶବ ପରିବହନ      ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଏଜେ ଏତ୍‌କର ଶବ ପରିବହନ୍ ଲାଗି ଖାସ୍ କଲ୍ ସେଂଟର୍ କାମ୍ କର୍‌ବା । ଶହେ ୮ ଏମ୍ବୁଲେନ୍ସ ସେବା ବାଗିର୍ ଇଥିର୍‌ଲାଗି ସ୍ୱତନ୍ତ୍ର ଟୋଲ୍ ଫ୍ରି ନମ୍ବର୍ ରହେବା । ସ୍ୱାସ୍ଥ୍ୟ ସଚିବ ଅଶ୍ୱସ୍ତି ଏସ୍. ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଇ ବାବ୍‌ଦେ ପ୍ରାରମ୍ଭିକ୍ ଆଲୋଚନା ହେଇଛେ । ରାଏଜେ କେନ୍ ଜିଲ୍ଲାର୍ ହାସ୍‌ପାତାଲ୍ ନ କେତେ ମୃତ୍ୟୁ ହେଉଛେ ଆଉ ଶବ ପରିବହନ୍ ଲାଗି ଅନୁମାନିକ୍ କେତେଟା ଗାଡ଼ି ଦର୍‌କାର୍ ହେଉଛେ ସେ ବାବ୍‌ଦେ ବୈଠକ୍‌ଥି ରିପୋର୍ଟେ

ମଗାଯାଇଛେ । ରିପୋର୍ଟ ମାନେ ମିଲ୍ଲା ଉତ୍ରୁ ଜରୁରୀ ପଦକ୍ଷେପ୍ ନିଆଯିବା ବଲି ବୈଠକ୍‌ଥି କୁହାଯାଇଛେ ।

ସ୍ନାତକ ପାଠ୍ୟକ୍ରମ୍ ନାଁଲେଖା ଆର୍‌ଏନ୍‌ୟୁ/ ସମ୍ବଲପୁର

ଉଚ୍ଚଶିକ୍ଷା ବିଭାଗ୍ ଅଧୀନ୍‌ଥି ୨୦୨୫-୨୬ ଶିକ୍ଷା ବଛ୍‌ରେ ସ୍ନାତକ ପାଠ୍ୟକ୍ରମ୍‌ଥି ନାଁଲେଖା ଲାଗି ଆଏଜ୍‌ଠାନୁ ପ୍ରକ୍ରିୟା ମୁଲ୍ ହେଇଛେ । ଉପର୍‌ବେଲା ୪ ବଜେନୁ ସାମ୍ସ ପୋର୍ଟାଲ୍‌ଥି କମନ୍ ଆପ୍ଲିକେସନ୍ ଫର୍ମ ମିଲୁଛେ । ଆଗ୍ରହୀ ଛାତ୍ରଛାତ୍ରୀମାନେ ଆଏବା ମେ ୨୦ ତାରିଖ୍ ଭିତ୍‌ରେ ଇଥି ଆବେଦନ୍ କରିପାର୍‌ବେ । ୨୧ ଆଉ ୨୨ ତାରିଖ୍‌ଥି ସିଏଏଫ୍‌ଥି ଦର୍‌କାରୀ ସଂଶୋଧନ୍ କରାଯାଇପାର୍‌ବା ବଲି ଉଚ୍ଚଶିକ୍ଷା ବିଭାଗ୍ ତର୍‌ଫୁ କୁହାଯାଇଛେ । ଜାତୀୟ ଶିକ୍ଷାନୀତି-୨୦୨୦ ଆଧାର୍‌ଥି ଇ ବଛର୍ ପାଠ୍‌ପଢ଼ା ମୁଲ୍ ହେବା ବଲି ଉଚ୍ଚଶିକ୍ଷା ବିଭାଗ୍ ବିଜ୍ଞପ୍ତିନୁ ଜନାପଡ଼ିଛେ ।

ଆଇଆଇଏମ୍ ସମ୍ବଲ୍‌ପୁର୍‌ର ସମାବର୍ତ୍ତନ୍ ଉତ୍ସବ୍ ଏକ୍ସ

ଆଏବା ୧୯ ତାରିଖ୍ ଆଇଆଇଏମ୍ ସମ୍ବଲ୍‌ପୁର୍‌ର ସମାବର୍ତ୍ତନ୍ ଉତ୍ସବ୍ ହେବା । କାର୍ଯ୍ୟକ୍ରମ୍‌ଥି ପ୍ରଧାନ୍‌ମନ୍ତ୍ରୀଙ୍କର୍ ପ୍ରମୁଖ

ସଚିବ ଡକ୍ଟର୍ ପି.କେ. ମିଶ୍ର ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ୨୦୨୩ -୨୫ ଏମ୍ବିଏ, ୨୦୨୨-୨୪ ଏକ୍ଜିକ୍ୟୁଟିଭ୍ ଏମ୍ବିଏ -୨୦୨୩-୨୫ ପିଏଚ୍ଡି ସ୍କୋଲାର୍ ମାନ୍କୁ ଡିଗ୍ରୀ ପ୍ରଦାନ୍ କର୍ବେ । ଇ ବାବ୍ଦେ ଆଇଆଇଏମ୍ ସମ୍ବଲ୍ପୁର୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

## ଅଙ୍ଗନବାଡ଼ି କର୍ମୀ ପ୍ରଶିକ୍ଷଣ୍ ଶିବିର  ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍ପୁର୍ ଜିଲ୍ଲା ଯୁଯୁମୁରା ମିଶନ୍ ଶକ୍ତି କାର୍ଯ୍ୟାଳୟ ଠାନେ ଦୁଇଦିନିଆ ଅଙ୍ଗନବାଡ଼ି କର୍ମୀ ପ୍ରଶିକ୍ଷଣ୍ ଶିବିର ଉଦ୍ଯାପିତ ହେଇଯାଇଛେ । କାର୍ଯ୍ୟକ୍ରମ୍ଥି ୨ ଟା ଖେପେ “ଆମ କୁନି ପିଲା” ଯୋଜ୍ନାଥି ଅଙ୍ଗନବାଡ଼ି କର୍ମୀ ମାନ୍କୁ ତାଲିମ୍ ଦିଆଯାଇଥିଲା । ଛୋଟ୍ ଛୁଆମାନ୍କର୍ ଲାଲନ୍ପାଲନ୍ ଶାରୀରିକ୍ ଆର୍ ମାନସିକ୍ ବିକାଶ୍ ଦିଗେ ଅଙ୍ଗନବାଡ଼ି କର୍ମୀମାନ୍କର୍ ଭୂମିକା କାର୍ଯ୍ୟକ୍ରମ୍ର ମୁଖ୍ୟ ଲକ୍ଷ୍ୟ ଥିଲା । ଇ ଅବ୍ସରେ ଅଙ୍ଗନବାଡ଼ି କର୍ମୀମାନ୍କର ଦକ୍ଷତା ମୂଲ୍ୟାଙ୍କନ ପରୀକ୍ଷା କରାଯାଇଥିଲା । ଯୁଯୁମୁରା ସିଡ଼ିପିଓ ମିନତୀ ଦାସ, ସୁପର୍ଭାଇଜର୍ ସୁଷମା କୁମ୍ରା ଉପସ୍ଥିତ୍ ରହିକରି ଶହେ ୯୭ ଝନ୍ ଅଙ୍ଗନବାଡ଼ି କର୍ମୀଙ୍କୁ ତାଲିମ୍ ଦେଇଥିଲେ ।

ପୂର୍ବତଟ ରେଲ୍ ମହାପ୍ରବନ୍ଧକ-ଗସ୍ତ        ବୌଦ୍ଧ ସମ୍ବାଦଦାତା

ପୂର୍ବତଟ ରେଲ୍ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କ୍ୱାଲ୍ ବୌଦ୍ଧ ଜିଲ୍ଲା ଗସ୍ତ କରିକରି ଖୋର୍ଦ୍ଧା ବଲାଙ୍ଗିର୍ ରେଲ୍ ପ୍ରକଳ୍ପର୍ ଅଗ୍ରଗତି ବାବ୍‌ଦେ ସମୀକ୍ଷା କରିଛନ୍ । ବୌଦ୍ଧ ଜିଲ୍ଲାର୍ ପୁରୁଣାକଟକ୍ ଆଉ ସୋନ୍‌ପୁର୍ ଭିତ୍‌ରେ ଥିବା ସବୁ ନୂଆଁ ଷ୍ଟେସନ୍ ମାନ୍‌କର୍ ଭିତିଭୂମି ତିଆର୍ କାମ୍ ସରିଥିବାର୍ ବେଲେ ନୂଆଁ ରେଲ୍‌ଲାଇନ୍ ନ ଟ୍ରାଏଲ୍ ରନ୍ ଆଉ ସୁରକ୍ଷା ଯାଂଚ୍ ସରିଛେ । ଇ ଟ୍ରେନ୍ ଲାଇନ୍‌ଥି ଜଲ୍‌ଦି ଟ୍ରେନ୍ ଚଲାଚଲ୍ ବାବ୍‌ଦେ ଶ୍ରୀ ଫୁଙ୍କ୍ୱାଲ୍ ସମୀକ୍ଷା କରିଛନ୍ । ପରିଦର୍ଶନ୍ ସମିଆଥି ପୂର୍ବତଟ ରେଲ୍ ବିଭାଗ୍‌ର ଭିନ୍ ଭିନ୍ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଦୁର୍ଘଟଣା        ଆର୍‌ଏନ୍‌ୟୁ/ କଟକ୍

ବଲାଙ୍ଗିର୍-ଟିଟିଲାଗଡ୍ ୨୬ ନମ୍ବର୍ ଜାତୀୟ ରାଜପଥ ମଠଖାଇ ପାହାଡ ପାଖେ ସଡ଼କ୍ ଦୁର୍ଘଟଣାଥି ୨ ଝନ୍ ବାଇକ୍ ଆରୋହୀଙ୍କର୍ ଜୀବନ୍ ଯାଇଛେ । ଖବର୍ ପାଇକରି ପୁଲିସ୍ ଦୁର୍ଘଟଣା ଜାଗାକେ ପୁହୁଁଚିକରି ତଦନ୍ତ ଚଲେଇଛେ ।

ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ    ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଷ୍ଟାଡ଼ିୟମ୍ ଠାନେ ଚାଲିଥିବା ୧୫ ବଛରନ୍ନୁ କମ୍ ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ଉଦ୍‌ଯାପିତ୍ ହେଇଯାଇଛେ । ଫାଇନାଲ୍ ମେଚ୍‌ଥି ବି.ଏସ୍.ଏ.ଏ. ବୌଦ୍ଧ ୩/ ୧ ଗୋଲ୍‌ଥି ଫ୍ରେଣ୍ଡସ୍ କ୍ଲବ୍ ମୁଣ୍ଡା ପଡ଼ା ଦଲ୍‌କେ ହରେଇଛେ । ମେଚ୍‌ଥି କଂଟାମାଲ୍ ବିଧାୟକ୍ କହ୍ନେଇ ଚରଣ୍ ଡାଙ୍ଗ, ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ପ୍ରମୁଖ ଅତିଥି ଭାବେ ଯୋଗ୍ ଦେଇକରି ଖେଲାଲିମାନ୍‌କୁ ପୁରସ୍କୃତ୍ କରିଥିଲେ ।

ପୋଷଣ ପକ୍ଷ        ଦେବ୍‌ଗଡ଼୍ ସମ୍ବାଦଦାତା

ଦେବ୍‌ଗଡ଼୍ ଜିଲ୍ଲା ପ୍ରଶାସନ୍ ଆଉ ଜିଲ୍ଲା ସମାଜ୍ ମଙ୍ଗଲ୍ ବିଭାଗ୍ ତର୍‌ଫୁ ଜିଲ୍ଲାସ୍ତରୀୟ ପୋଷଣ ପକ୍ଷ ପାଲିତ୍ ହେଇଯାଇଛେ । ସମାଜ୍ ମଙ୍ଗଳ ଅଧିକାରୀଙ୍କର୍ ସଂଯୋଜନାଥି ମୁଖ୍ୟଅତିଥି ଭାବେ ଜିଲ୍ଲାପାଲ୍ କବୀନ୍ଦ୍ର କୁମାର୍ ସାହୁ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଅତିଥି ମାନେ ଛୁଆମାନ୍‌କୁ ପୁଷ୍ଟିକର ଆଉ ପୋଷଣ ଥିବା ଖାଦ୍ୟ ଯୁଗେଇ ଦେବାର୍ ସହେତେ ସୁସ୍ଥ ଜୀବନ୍ ଗଠନ୍ ଉପ୍‌ରେ ଆଲୋଚନା

କରିଥିଲେ । ଇ ଅବ୍‌ସରେ ଭିନ୍ ଭିନ୍ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀ କରାଯାଇଥିଲା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ କାଲ୍‌ବୈଶାଖୀର୍ ପ୍ରଭାବ୍‌ଥି ଆଏବା ୪ ଦିନ୍‌ତକ୍ ଧୁକାଗର୍ଦ୍ଦି ଆର୍ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ । ଇ ସମିଆଥି କରାମାଡ଼୍ ହେବାର୍ ସହେତେ କେତେଟା ଜାଗା ନ ୫୦ ନୁ ୬୦ କିଲୋମିଟର୍ ବେଗଥି ପବନ୍ ବୁହିପାରେ । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲ୍‌ପୁର୍, ଝାର୍‌ସୁଗୁଡ଼ା, ସୁନ୍ଦର୍‌ଗଡ୍, ଦେବ୍‌ଗଡ୍, ବର୍‌ଗଡ୍, କଲାହାଣ୍ଡି ସହେତେ ରାଜ୍ୟର୍ ୧୭ ଟା ଜିଲ୍ଲା ନ ଜବର୍ ଧୁକାଗର୍ଦ୍ଦି ଆଉ ବର୍ଷା ନେଇକରି ପାଣିପାଗ କେନ୍ଦ୍ର ସତର୍କ କରେଇଛେ ।